## ଶଙ୍ଖେଇରେ ଉତ୍ତେଜନା

ନୟାଗଡ ଅଫିସ: ଇଟାମାଟି ଥାନା ଅଧୀନ ଶଙ୍ଖେଇରେ ବୁଧବାର ସନ୍ଧ୍ୟାରେ ବୋମା ଓ ଗୁଳି ଫୁଟିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ସେଠାରେ ଟେକା ପଥର ମାଡ ବି ହୋଇଛି । ତେବେ କାହାରି କିଛି କ୍ଷତି ହୋଇନାହିଁ । ଦୁଇ ପକ୍ଷଙ୍କ ମଧ୍ୟରେ ସୃଷ୍ଟ ବିବାଦ ଥମି ଯାଇଥିଲେ ମଧ୍ୟ ଉତ୍ତେଜନା ହ୍ରାସ ପାଇ ନାହିଁ । ଖବର ପାଇ ଇଟାମାଟି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶାନ୍ତି ପାଇଁ ଆଲୋଚନା ଜାରି ରଖିଛି। ଏନେଇ ଥାନା ଅଧିକାରୀ ଚିଲିପଥର ଦୀପକ ଖଣ୍ଡାୟତରାୟ କୁହନ୍ତି ଶଙ୍ଖେଇରେ ବୋମା ଓ ଗୁଳି ଫୁଟିନି । ତେବେ କେତେଜଣ ନିଶାଖୋର ବ୍ୟକ୍ତିଙ୍କ ମଧ୍ୟରେ କନ୍ଦଳ ଘଟି ଟୋକାମାଡ ହୋଇଥିଲା । ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ।

## ସଂକ୍ଷେପରେ

### ସିମେଣ୍ଟ ବୋଝେଇ ଟ୍ରକ୍ ଓଲଟି ୪ ଗୋରୁ ମୃତ

ଗଣିଆ,୯।୧୨(ଡି.ଏନ୍.ଏ.): ମଙ୍ଗଳବାର ଏକ ସିମେଣ୍ଟ ବୋଝେଇ ଟ୍ରକ ଛାଡମୂଳ ଗ୍ରାମ ଡାଙ୍ଗସାହି ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଏକ ଗୁହାଳ ଉପରକୁ ଓଲଟି ପଡିବାରୁ ୪ ଗୋରୁ ପ୍ରାଣ ହରାଇଛନ୍ତି । ରାତି ପ୍ରାୟ ୮ଟା ସମୟରେ ଏପରି ଦୁର୍ଘଟଣା ଘଟିଛି । କୁମ୍ଭୀରଖଣି ଗ୍ରାମ ନିକଟରେ ନିର୍ମାଣାଧୀନ ବିଜୁ ସେତୁ ପାଇଁ ଏହି ସିମେଣ୍ଟ ଯାଉଥିଲା । ହେଲେ ଟ୍ରକଟି ହଠାତ୍ ଓଲଟି ପଡିବାରୁ ଗୁହାଳରେ ବନ୍ଧା ହୋଇଥିବା ୩ ଗାଈ ଓ ଗୋଟିଏ ବଳଦ ଟ୍ରକ ଡାଲା ତଳେ ଚାପି ରହିଯାଇଥିଲେ । ଘଟଣାସ୍ଥଳରେ ୪ ଗୋରୁଙ୍କ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଗଣିଆ ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା । ବୁଧବାର ସକାଳେ କ୍ରେନ୍ ସାହାଯ୍ୟରେ ଟ୍ରକଟିକୁ ଉଠାଯିବା ପରେ ମୃତ ଗୋରୁଙ୍କୁ ଜବତ କରାଯାଇ ପ୍ରାଣୀଧନ ନିରୀକ୍ଷକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇଥିଲା ।

### ନାବାଳିକାଙ୍କୁ ଅସଦାଚରଣ: ଯୁବକ ଗିରଫ

ଜଗତ୍‌ସିଂହପୁର ଅଫିସ, ୯।୧୨- ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରଯାଇଥିବା ଅଭିଯୋଗ ହୋଇଛି । ନାବାଳିକାଙ୍କ ଅଭିଯୋଗକ୍ରମେ ଉକ୍ତ ଅଞ୍ଚଳର ଗୁରୁପଦ ମାନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ନାବାଳିକାଙ୍କ ବାପାଙ୍କ ମୃତ୍ୟୁ ହୋଇଥିବାବେଳେ ମା'ଏବଂ ଭାଇଙ୍କ ସହ ରହୁଛନ୍ତି। ମଙ୍ଗଳବାର ରାତିରେ ମା 'ରୋଷେଇ କରୁଥିବା ବେଳେ ନାବାଳିକାଙ୍କୁ ଘରେ ଏକୁଟିଆ ପାଇ ଅଭିଯୁକ୍ତ ଗୁରୁପଦ ତାଙ୍କ ସହ ଅସଦାଚରଣ କରିଥିଲେ। ଏନଇେ ଅଭଯୋଗପରେ ମାମଲା (ନଂ.୪୫୩/୨୦)ରୁଜୁ ହୋଇଛି।

### ବଧୂହତ୍ୟା ଅଭିଯୋଗ

ପାରାଦୀପ,୯।୧୨(ସ୍ୱ.ପ୍ର.) : ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁରେ ବୁଧବାର ବଧୂହତ୍ୟା ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା (ନଂ.୧୧୨/୨୦) ରୁଜୁ କରିଛି। କିନ୍ତୁ କାହାକୁ ଗିରଫ କରିନାହିଁ। ପୋଲିସ ସୂଚନା ଅନୁସାରେ, କୈଳାସ ଲେଙ୍କାଙ୍କ ପୁତ୍ର ସିଦ୍ଧାନ୍ତଙ୍କ ସହ ଉକ୍ତ ଗ୍ରାମର ପ୍ରେମାନନ୍ଦ ଦାସଙ୍କ ଝିଅ ମାନାଙ୍କ ଗତବର୍ଷ ବିବାହ ହୋଇଥିଲା। ଦମ୍ପତିଙ୍କ ମଧ୍ୟରେ ପ୍ରାୟତଃ କଳି ଝଗଡା ହେଉଥିଲା। ଗତ ୩ ଦିନ ତଳେ ମାନା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜଗତ୍‌ସିଂହପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାନାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଜଗତ୍‌ସିଂହପୁର ଥାନାରେ ଅପମୃତ୍ୟୁ ମାମଲା ହୋଇଥିବାବେଳେ ମାନାଙ୍କ ପିତା ଅଭୟଚାନ୍ଦପୁର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି।

### ଚଳିତ ବର୍ଷ କଳିଙ୍ଗନଗର ମହୋତ୍ସବ ବନ୍ଦ

କଳିଙ୍ଗନଗର, ୯।୧୨ (ଡି.ଏନ.ଏ.): ଚଳିତ ବର୍ଷ କରୋନା କଟକଣା ଯୋଗୁ କଳିଙ୍ଗନଗର ମହୋତ୍ସବକୁ ବନ୍ଦ ରଖାଯାଇଛି । କରୋନା ସ୍ଥିତି ନିୟନ୍ତ୍ରଣକୁ ଆସିଲା ପରେ ଏହି ୫ଦିନଆ ମହୋତ୍ସବର ଆୟୋଜନ ହେବ ବୋଲି କମିଟିର ସଭାପତି ଭାଗିରଥୀ ଜେନା ବୁଧବାର ଜଣାଇଛନ୍ତି । ୨୦୧୭ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ସୁକିନ୍ଦା ଦାନଗଦିର ସଂସ୍କୃତି ଏବଂ ଓଡିଶାର ଲୋକକଳାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଥିଲା। ଗତ ୩ ବର୍ଷ ଧରି ମହାଆଡମ୍ବରରେ ଏହି ମହୋତ୍ସବ ପାଳିତ ହେଉଥିଲା। ଶୀତର ଆଗମନରେ କରୋନାର ପ୍ରଭାବ ବଢିବାର ଆଶଙ୍କା ରହିଛି। ଏହାକୁ ଆଖିଆଗରେ ରଖି କଳିଙ୍ଗନଗର ମହୋତ୍ସବକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଗଲା ବୋଲି ମହୋତ୍ସବ କମିଟି ପକ୍ଷରୁ ସ୍ପଷ୍ଟ କରାଯାଇଛି ।

### ଡିଜେ ଗାଡ଼ି ଜବତ

ନାଉଗାଁ,୯।୧୨(ସ୍ୱ.ପ୍ର.): କରୋନା ମହାମାରୀ ସମୟରେ ଥାନାରୁ ଅନୁମତି ନନେଇ ଡିଜେ ବଜାଇବା ମହାଙ୍ଗା ପଡ଼ିଛି। କୌଣସି ସୂତ୍ରରୁ ଖବରପାଇ ନାଉଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଡିଜେ ଗାଡ଼ିକୁ ବୁଧବାର ଜବତ କରିଛି। ନାଉଗାଁ ବ୍ଲକ ଅନ୍ତର୍ଗତ ଅରଖକୁଦ ଗ୍ରାମର ଜଣେ ଯୁବକ ବିବାହ ପାଇଁ ଡିଜେ ସାଉଣ୍ଡ ବଜାଇ ଯାଉଥିବାବେଳେ ଏସ୍‌ଆଇ ପ୍ରତାପ ଦାସ ଓ ଏଏସଆଇ ଅଶୋକ ମହାନ୍ତି ସେଠାରେ ପହଞ୍ଚି ଡିଜେ ଗାଡ଼ି ଜବତ କରି ଥାନାକୁ ନେଇଛନ୍ତି। ଏନେଇ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

# କେନ୍ଦ୍ରାପଡ଼ାରେ ବିପଜ୍ଜନକ ନୌପରିବହନ

କେନ୍ଦ୍ରାପଡା ଅଫିସ, ୯।୧୨


ହଂସୁଆ ନଦୀରେ ଦେଶୀ ଡଙ୍ଗାରେ ଯାତ୍ରୀଙ୍କୁ ପାର କରାଯାଉଛି ।

- ୧୭ ପଞ୍ଚାୟତକୁ ଯାତାୟାତ ପାଇଁ ଡଙ୍ଗା ଭରସା
- କାର୍ଯ୍ୟକାରୀ ହେଉନାହିଁ ୨୦୦୪ ବୋଟ୍ ରୁଲ୍
- ବାରମ୍ବାର ଦୁର୍ଘଟଣା ସତ୍ତ୍ୱେ ଚେତୁନି ପ୍ରଶାସନ

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଜାତୀୟଉଦ୍ୟାନ ଭିତରକନିକା ନଳିତାପାଟିଆଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବୁଧବାର ପ୍ରଥମଥର ପାଇଁ ଇକୋ ରିଟ୍ରିଟ୍ ଆରମ୍ଭ ହୋଇଛି। ଫେବୃୟାରୀ ୨୮ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଭିତରକନିକାର ପ୍ରାକୃତିକ ବିଭବ ସହ ହୁକିଟୋଲା, ହାବେଳିଖଟି, ବତିଘର ଆଦି ପର୍ଯ୍ୟଟକଙ୍କ ଆକର୍ଷଣ ହେବ। ଏହି ପର୍ଯ୍ୟଟନ କ୍ଷେତ୍ରକୁ ଯିବାକୁ ପର୍ଯ୍ୟଟକଙ୍କୁ ଦେଶୀ ଡଙ୍ଗା ଓ ବୋଟର ସାହାରା ନେବାକୁ ପଡ଼ିବ। ଦେଶୀ ଡଙ୍ଗାରେ ପର୍ଯ୍ୟଟକ ଯିବା ବହୁ ସମୟରେ ଭାରି ପଡୁଛି। କ୍ଷମତାରୁ ଅଧିକ ଯାତ୍ରୀ ଡଙ୍ଗାରେ ରହୁଥିବାରୁ ବାରମ୍ବାର ଓଲଟି ପଡୁଛି। ବିଭିନ୍ନ ସମୟରେ ହେଉଥିବା ଦୁର୍ଘଟଣା ସତ୍ତ୍ୱେ ପ୍ରଶାସନର ଏଥିପ୍ରତି ନିଘା ରହୁନାହିଁ। ୨୦୦୪ର ବୋଟ୍ ରୁଲ ଜିଲାରେ କାର୍ଯ୍ୟକାରୀ ହେଉନାହିଁ। ଜିଲାର ୨୪୯ରୁ ୧୭ ପଞ୍ଚାୟତକୁ ସେତୁ ନ ଥିବାରୁ ବିପଜ୍ଜନକ ନୌପରିବହନ ପାଇଁ ଡଙ୍ଗା ଭରସା ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ମହାକାଳପଡ଼ାର ସୁଶୀଲ କୁମାର ରାଉତ କୁହନ୍ତି, ୩ ମାସ ପୂର୍ବେ ପିତାପାଟଠାରେ ଡଙ୍ଗା ଓଲଟି ୫ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଏଠାରେ ୨୦୧୩ ମାର୍ଚ୍ଚ ୧ରେ ଡଙ୍ଗା ବୁଡି ଜଗତ୍‌ସିଂହପୁର ଜିଲାର ୧୩ କିଶୋର କ୍ରିକେଟ ଖେଳାଳିଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଡଙ୍ଗା ବୁଡି ଘଟଣାରେ ୧୦ ମହିଳା ଓ ଶିଶୁଙ୍କ ପ୍ରାଣହାନି ହୋଇଥିଲା। ବର୍ଷକୁ ୧୦ ଡଙ୍ଗା ବୁଡି ଘଟଣା ଘଟୁଛି। ଅଧିକ ଯାତ୍ରୀ ପରିବହନ ଓ ଅନଭିଜ୍ଞ ନୌଚାଳନା ଏହାର ପ୍ରମୁଖ କାରଣ ସାଜିଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ୟୁଥ୍ କ୍ଲବର ପ୍ରତାପ କୁମାର ତ୍ରିପାଠୀ କୁହନ୍ତି, ପଦନୀପାଳ, ଏକମାଣିଆ, ସିଂହଗାଁ, ବତିଘର ସମେତ ୧୭ଟି ପଞ୍ଚାୟତକୁ ଗମନାଗମନ ପାଇଁ ସେତୁ ନାହିଁ। ଏଥିପାଇଁ ପଞ୍ଚାୟତବାସୀ ଦେଶୀ ଡଙ୍ଗା ଓ ନୌକାର ସାହାରା ନେଉଛନ୍ତି। ଜିଲାରେ ଥିବା ଅଧିକାଂଶ ବୋଟ୍ ଓ ଡଙ୍ଗା ବୀମା ପରିସରକୁ ଆସିନାହିଁ। ଏପରିକି ବୋଟ୍ ଚାଳନା ପାଇଁ ଆବଶ୍ୟକ ଲାଇସେନ୍ସ ନାହିଁ। ବୋଟ୍ ଓ ଡଙ୍ଗାର ଫିଟନେସ ନ ଥିଲେ ମଧ୍ୟ ପର୍ଯ୍ୟଟକ ଓ ଯାତ୍ରୀ ବିପଜ୍ଜନକ ଭାବେ ନଦୀପଥରେ ଯାତାୟାତ କରୁଛନ୍ତି। କୌଣସି କାରଣରୁ ଦୁର୍ଘଟଣା ହେଲେ ମୃତାହତଙ୍କୁ କ୍ଷତିପୂରଣ ମିଳିବା କଷ୍ଟକର ହୋଇପଡ଼ିବ। ଏ ନେଇ ରାଜନଗର ବ୍ଲକ, ଗୁପ୍ତିର ସୁରେନ୍ଦ୍ର ସାହୁ, ଜାତୀୟ ଉଦ୍ୟାନ ଭିତରକନିକାରେ ୪୦ରୁ ଊର୍ଦ୍ଧ୍ୱ ବୋଟ୍ ବିନା ଫିଟନେସରେ ଚାଲୁଛି। ହେଲେ ବନବିଭାଗ ଦୃଷ୍ଟି ଦେଉନାହିଁ। ଜାତୀୟଉଦ୍ୟାନ ମଧ୍ୟରେ ୧୭୦୦ରୁ ଊର୍ଦ୍ଧ୍ୱ କୁମ୍ଭୀର ଅଛନ୍ତି। ଏହି କୁମ୍ଭୀରପ୍ରବଣ ଅଞ୍ଚଳ ମଧ୍ୟ ଦେଇ ଗୁପ୍ତି, ଚାନ୍ଦବାଲି, ଖୋଳା, ଜୟନଗର, ଖରିନାସୀ, ବାହାକୁଦ, ଜମ୍ବୁ ଆଦି ଅଞ୍ଚଳରୁ ଡଙ୍ଗା ଓ ବୋଟ ଚଳାଚଳ କରୁଛି। ବୋଟ୍ ଓ ଡଙ୍ଗା ଚାଳକଙ୍କ ମଧ୍ୟରୁ କେତେଜଣ ନାବାଳକ ଓ ଅନଭିଜ୍ଞଙ୍କୁ ଦେଖିବାକୁ ମିଳୁଛି। ଏ ନେଇ ସତର୍କତା ଅବଲମ୍ବନ ନ କଲେ ଇକୋ ରିଟ୍ରିଟ୍ ଜିଲା ପ୍ରଶାସନ ପାଇଁ ମହଙ୍ଗା ହେବ। ରାଜନଗର, ଡିଏଫ୍‌ଓ ବିକାଶ ରଞ୍ଜନ ଦାଶଙ୍କୁ ଏ ସମ୍ପର୍କରେ ପଚାରିବାରେ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ବୋଟ୍ ଓ ଡଙ୍ଗାର ବୀମା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। କେନ୍ଦ୍ରାପଡ଼ା, ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଏ ନେଇ ପଚାରିବାରେ ଦେଶୀ ଡଙ୍ଗା ଓ ବୋଟ ଚାଳକଙ୍କୁ ଏ ନେଇ ସଚେତନ କରାଯାଉଛି। ନିୟମ ବହିର୍ଭୂତ କୌଣସି ଡଙ୍ଗା ଅଥବା ବୋଟ୍ ନଦୀରେ ଯାତାୟାତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଆକ୍ରୋଶର ଶିକାର ହୋଇ ଖାଇଲେ ମାଡ଼

ପଟ୍ଟାମୁଣ୍ଡାଇ, ୯।୧୨ (ସ୍ୱ.ପ୍ର.)

- ଟେଣ୍ଡର ଫିକ୍ସିଂ ରହସ୍ୟ ଖୋଲିଦେଲେ ଠିକାଦାର
- ତଦନ୍ତ ପାଇଁ ଏଡିଏମ୍‌ଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା ଜିଲା ଗ୍ରାମ୍ୟ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଫିକ୍ସିଂ ହେଉଥିବା ସମ୍ପର୍କରେ ଠିକାଦାର ଶୁଭେନ୍ଦୁ ରାଉତ ମୁହଁ ଖୋଲିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳ ଯୋଗାଣ ସବ୍‌ଡିଭିଜନରେ କାର୍ଯ୍ୟ କରୁଥିବା ଠିକାଦାର ୩୨ ଗୋଟି କାର୍ଯ୍ୟ ଜଳ ଜୀବନ ମିଶନ ଟେଣ୍ଡରରେ ଫିକ୍ସିଂ ହୋଇଥିବା ଖୁଲାସା କରି ଦେଇଥିଲେ। ଏହା ପ୍ରଚାରିତ ହେବା ପରେ ବିଭାଗୀୟ ଯନ୍ତ୍ରୀ ଏହି ଟେଣ୍ଡରକୁ ବାତିଲ କରିଦେଇଥିଲେ। ମାତ୍ର ଠିକାକାମ ପାଇଥିବା ଠିକାଦାରମାନେ ଏଥିରେ ଉତ୍କ୍ଷିପ୍ତ ହୋଇ ନଭେମ୍ବର ୨୪ ରାତି ସାଢେ ୮ଟାରେ ଶୁଭେନ୍ଦୁଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ଏ ନେଇ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ପଟ୍ଟାମୁଣ୍ଡାଇ ଥାନାରେ ନଭେମ୍ବର ୨୭ରେ ଏତଲା ଦେଇଥିଲେ। ପୋଲିସ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜଳଯୋଗାଣ ଓ ପରିମଳ ବିଭାଗ ଠିକାଦାର ସଂଘ ଅସନ୍ତୋଷ ପ୍ରକାଶ କରିଥିଲେ। ଠିକାଦାରମାନେ ସୋମବାର କେନ୍ଦ୍ରାପଡା ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଦାବିପତ୍ର ପ୍ରଦାନ କରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ କହିଥିଲେ। ପାନୀୟ ଜଳ ଠିକାଦାର ସଂଘ ସଭାପତି ହରିଲାଲ ଅଗ୍ରୱାଲ, ଗୋଲେଖ ରାଉତ, ମିଲନ ଓଝା, ସୁବ୍ରଜିତ ରାଉତ, ମନୋଜ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ନ ପାରିଲେ ପାନୀୟ ଜଳ ଠିକାଦାର ସଂଘ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବାକୁ ବାଧ ହେବେ ବୋଲି ଚେତାଇ ଦେଇଛନ୍ତି।

## ବିଧାୟକଙ୍କ ବହିଷ୍କାର ଦାବିରେ ବିକ୍ଷୋଭ



ସୂଚନାଧିକାର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଚଣ୍ଡିଖୋଲ,୯।୧୨(ଡି.ଏନ.ଏ.)

ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ଦଳରୁ ବହିଷ୍କାର ଦାବିରେ ଓଡ଼ିଶା ସୂଚନାଧିକାର ଅଭିଯାନ ଯାଜପୁର ପକ୍ଷରୁ ବୁଧବାର ଚଣ୍ଡିଖୋଲ ଛକସ୍ଥିତ ବୁଦ୍ଧମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କେନ୍ଦ୍ରାପଡ଼ା ଜିଲା ସୂଚନାଧିକାର କର୍ମୀ ତଥା ଦଳିତ ନେତା ରଞ୍ଜନ କୁମାର ଦାସଙ୍କ ହତ୍ୟା ଘଟଣା ଏହା ମଧ୍ୟରେ ୧୧ ମାସ ଅତିକ୍ରମ କଲାଣି। ମାତ୍ର ଘଟଣାରେ ଏପର୍ଯ୍ୟନ୍ତ କେହି ଗିରଫ ହୋଇନାହାନ୍ତି। ଏହି ହତ୍ୟା ଘଟଣାରେ ବିଧାୟକ ନାୟକଙ୍କ ସମ୍ପୃକ୍ତି ଅଛି ବୋଲି ସୂଚନାଧିକାର କର୍ମୀମାନେ ଅଭିଯୋଗ କରିଛନ୍ତି। ଏପରି କି ବିଜେଡିରୁ ବହିଷ୍କୃତ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏହି ଘଟଣାରେ ଅତନୁଙ୍କ ସମ୍ପୃକ୍ତି ଥିବା ନେଇ ମଧ ଖୁଲାସା କରିଥିଲେ ବୋଲି ସେମାନେ କହିଛନ୍ତି। ସୂଚନାଧିକାର ଅଭିଯାନ ଜିଲା ଆବାହକ ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, କଟକ ଜିଲା ଆବାହକ ଜିତେନ୍ଦ୍ର ସାହୁ, ସ୍ମୃତିରଞ୍ଜନ ବାରିକ, ସୁଶାନ୍ତ ବେହେରା, ମନୋଜ ଦାସ, ପ୍ରଶାନ୍ତ ଜେନା ଓ ଦୁଷ୍ମନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ସାହୁ ହାର୍ଡୱାର ଆଣ୍ଡ ପେଣ୍ଟ୍ସ ଶୋ'ରୁମ୍ ଉଦ୍‌ଘାଟିତ

ରସୁଲପୁର,୯।୧୨(ଡି.ଏନ.ଏ.)

କୁଆଖିଆ ବଜାରର ସାରଙ୍ଗପୁର ଏଚ୍‌ପି ପେଟ୍ରୋଲ ପମ୍ପ ସମ୍ମୁଖରେ ସାହୁ ହାର୍ଡୱାର ଆଣ୍ଡ ପେଣ୍ଟ୍ସ ଶୋ'ରୁମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଶୋ'ରୁମରେ ବିଶେଷକରି ଏସିଆନ ପେଣ୍ଟ୍ସର

**ଏସିଆନ ପେଣ୍ଟ୍‌ସର ଭର୍ଜନ-୫ ଉପଲବ୍ଧ ହେବ**



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଭର୍ଜନ-୫ ଉପଲବ୍ଧ ହେବ । କମ୍ପାନୀ ପକ୍ଷରୁ ଏଭଳି ଶୋ'ରୁମ୍ ସର୍ବଭାରତୀୟସ୍ତରରେ ବୃହତମ ହୋଇଥିବା ବେଳେ ଓଡ଼ିଶାର ପ୍ରଥମଥର ପାଇଁ ନୂଆରୂପରେ ଖୋଲିଛି। ଏହି ଶୋ'ରୁମ୍ କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୋଳ ଆଦି ଜିଲା ରଙ୍ଗ ବ୍ୟବସାୟୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ। ଏହାଛଡ଼ା ରାଜ୍ୟର ଅନ୍ୟ ସମସ୍ତ ଜିଲାର ରଙ୍ଗ ବ୍ୟବସାୟୀ ଏଠାରେ କାରବାର କରି ଲାଭବାନ ହୋଇପାରିବେ ବୋଲି ଶୋ'ରୁମ ମାଲିକ ହରିହର ସାହୁ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବାଞ୍ଚଳ ଡିଭିଜନାଲ ପରିଚାଳକ ଶ୍ରୀରାମ ସନ୍ଦେପୁଦି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଆଞ୍ଚଳିକ ପରିଚାଳକ ଆୟୁଷ ଭରଦ୍ୱାଜ, ଟେରିଟୋରି ସେଲ୍ସ ଅଫିସର ସୌରଦୀପ୍ତ ମଣ୍ଡଳ, ରିଟେ ଏରିଆ ମ୍ୟାନେଜର ହିମାଂଶୁ ରାଠୋର, ସୁପରଭାଇଜର ଲୋକେଶ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିଙ୍କୁ ଶୋ'ରୁମ୍ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସହଯୋଗୀ ଏଲ୍‌ଏନ୍ ଆର୍ଟ୍ସ ପ୍ରୋପ୍ରାଇଟର ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଯାଜପୁର ଜିଲା ସମେତ ପଡ଼ୋଶୀ ଜିଲାର ରଙ୍ଗ ବ୍ୟବସାୟୀ ଉପସ୍ଥିତ ଥିଲେ।

## ବାପାଙ୍କ କୁରାଢ଼ି ଚୋଟରେ ପୁଅ ଗୁରୁତର

ନୟାଗଡ଼ ଅଫିସ,୯।୧୨

ଦଶପଲ୍ଲା ଥାନା ଟାକେରା ନିକଟବର୍ତ୍ତୀ ଚିଲିପଥର ଗାଁରେ ବାପର କୁରାଢ଼ି ଚୋଟରେ ପୁଅ ଗୁରୁତର ହୋଇଛନ୍ତି। ପୁଅ ଗଗନ ନାୟକ(୩୫)ଙ୍କର ଅନ୍ତଃବୁଜୁଳା ବାହାରକୁ ଚାଲି ଆସିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଚିଲିପଥର ଗାଁର ସୁଦାମ ନାୟକଙ୍କ ସହ ପୁଅ ଗଗନଙ୍କ ବୁଧବାର ଅପରାହ୍ନରେ କୌଣସି କଥାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏଥିରେ ସୁଦାମ ଉତ୍ତେଜିତ ହୋଇ ଗଗନଙ୍କୁ କୁରାଢ଼ିରେ ଆକ୍ରମଣ କରିଥିଲେ। ଏନେଇ ଦଶପଲ୍ଲା ଥାନାରେ ଅଭିଯୋଗ ହୋଇ ନାହିଁ।

## ଦଶପଲ୍ଲା ଏନ୍‌ଏସିରେ 'ମୋ ଖତ' କାର୍ଯ୍ୟକ୍ରମ ଆରମ୍ଭ

ଦଶପଲ୍ଲା,୯।୧୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ଗତ ଅଗଷ୍ଟ ୩୧ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ଏବଂ କ୍ଷୁଦ୍ର ଜୈବିକ ଖତ ପ୍ରସ୍ତୁତ କେନ୍ଦ୍ର ଲୋକାର୍ପିତ ହୋଇଥିଲା । ଏହି କେନ୍ଦ୍ରରେ ପ୍ରସ୍ତୁତ 'ମୋ ଖତ' କାର୍ଯ୍ୟକ୍ରମ ଦଶପଲ୍ଲା ଏନ୍‌ଏସିରେ ବୁଧବାରଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଲଗ୍ନଜିତ୍ ରାଉତ, ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ମୋ ଖତ କାର୍ଯ୍ୟକ୍ରମର ଆବଶ୍ୟକତା ଏବଂ ଉପକାରିତା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡରୁ ପ୍ରତିଦିନ ବାହାରୁ ଥିବା ଆବର୍ଜନା ( ଶୁଖିଲା ଏବଂ ଜଳୀୟ)କୁ ସେହି ପ୍ରକ୍ରିୟାକରଣ କେନ୍ଦ୍ରକୁ ନିଆଯାଇ ସେଠାରେ ଖତ ପ୍ରସ୍ତୁତ କରିବା ସହ ତାକୁ ସର୍ବସାଧାରଣଙ୍କ ଜମିରେ ବ୍ୟବହାର କରିବା ପାଇଁ ଦିଆଯିବ । ଏହି ପ୍ରକଳ୍ପ ପାଇଁ ମୋଟ ୧ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପରିଡ଼ା, ଦେବୀଦତ୍ତ ତ୍ରିପାଠୀଙ୍କ ସହ ୯ ସ୍ୱଚ୍ଛସାଥୀ ଉପସ୍ଥିତ ଥିଲେ।

## ଚାକିରି ହରାଇବେ କର୍ମଚାରୀ

କେନ୍ଦ୍ରାପଡ଼ା ଅଫିସ, ୯।୧୨

**ମହାକାଳପଡ଼ା ତହସିଲରେ ପୁଣି ଜାଲ୍ ଜାତି ମାମଲା**

କେନ୍ଦ୍ରାପଡ଼ା ଜିଲା ଜମ୍ବୁ ଥାନା ଅଞ୍ଚଳର ଗୋଟିଏ ପରିବାର ସଦସ୍ୟଙ୍କ ୪ ଜାତି ମାମଲା ଶେଷ ହୋଇ ନ ଥିବା ବେଳେ ଅନ୍ୟ ଏକ ମାମଲା ସାମ୍ନାକୁ ଆସିଛି । ଏହି ଥାନା ଅଞ୍ଚଳର କୁମ୍ଭାର ଜାତିର ଜଣେ ଇଞ୍ଜିନିୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଅନୁସୂଚିତ ଜାତିରେ ଚାକିରି କରିଛନ୍ତି। ତେବେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି)ଙ୍କ ନିକଟରେ ମାମଲା (ନଂ-୯୨୧୯/୧୭) ପରେ ଜିଲା ପ୍ରଶାସନର ତଦନ୍ତ ସରିଛି। ପ୍ରଶାସନିକ ତଦନ୍ତରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ତ୍ତୃପକ୍ଷଙ୍କୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତୁରନ୍ତ କର୍ମ ନିଯୁକ୍ତିରୁ ହଟାଇବା କୁହାଯାଇଛି। ଏଥିସହ ମହାକାଳପଡା ତହସିଲଦାରଙ୍କୁ ଜମି କାଗଜରେ ଜାତି ସଂଶୋଧନ ପାଇଁ ୪ ତାରିଖରେ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଜାତିଗତ ମାମଲା ସମ୍ପର୍କରେ ୨୦୧୭ରେ ନାଲ୍‌କୋ କର୍ତ୍ତୃପକ୍ଷ କେନ୍ଦ୍ରାପଡ଼ା ଜିଲା ଏସ୍‌ସିଏସ୍‌ଟି ଫୋରମର ସଭାପତି ବସନ୍ତ କୁମାର ସେଠୀଙ୍କୁ ଜଣାଇଥିଲେ । ସଭାପତି ସେଠୀ ଏ ସମ୍ପର୍କରେ ଆରଡିସିଙ୍କୁ ଅଭିଯୋଗ କରି ପ୍ରଶାସନିକ ତଦନ୍ତ ପାଇଁ ଅନୁରୋଧ କରିଥିଲେ। ଆରଡିସିଙ୍କ ନିର୍ଦ୍ଦେଶରେ ଏଡିଏମ୍ ବସନ୍ତ କୁମାର ରାଉତ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ରିପୋର୍ଟ ଆରଡିସିଙ୍କୁ ପ୍ରଦାନ ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ତ୍ତୃପକ୍ଷଙ୍କୁ ସମ୍ପୃକ୍ତ କର୍ମଚାରୀ କୁମ୍ଭାର ଜାତି ପରିବର୍ତ୍ତେ ଜାଲ୍ କାଗଜପତ୍ର ଦେଇ ନମଶୂଦ୍ର (ଅନୁସୂଚିତ ଜାତି ତାଲିକାରେ ଅଛି) କରିଥିବା ଦର୍ଶାଇଛନ୍ତି।

## ଭକ୍ତି ସଙ୍ଗୀତ ନିଶାରେ ଆଇନଜୀବୀ ଲିଙ୍ଗରାଜ

ରସୁଲପୁର,୯।୧୨(ଡି.ଏନ.ଏ.)


ଲିଙ୍ଗରାଜ ସ୍ୱାଇଁ

ରସୁଲପୁର ତହସିଲ କାର୍ଯ୍ୟାଳୟରେ ଆଇନ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ଲିଙ୍ଗରାଜ ସ୍ୱାଇଁ। ଯାଜପୁର ଜିଲା ଧର୍ମଶାଳ ବ୍ଲକ ମିର୍ଜାପୁର ଗ୍ରାମର ବାସିନ୍ଦା ସ୍ୱାଇଁ ପେସାରେ ଜଣେ ଆଇନଜୀବୀ। ମାତ୍ର ପିଲାବେଳୁ ଭକ୍ତି ସଙ୍ଗୀତ ରଚନା ପ୍ରତି ତାଙ୍କର ରହିଛି ଅଜସ୍ର ରୁଚି। ଗୀତ ରଚନା କରିବାକୁ ନେଇ ସ୍ୱାଇଁ ବିଶେଷ ଉତ୍ସାହିତ ଅଛନ୍ତି। ବିଭିନ୍ନ ମନୋରଞ୍ଜନ ଚ୍ୟାନେଲରେ ତାଙ୍କ ରଚିତ ଗୀତ ପରିବେଷଣ ହେଉଛି। ସେ ଅଦ୍ୟାବଧି ୧୦ରୁ ଊର୍ଦ୍ଧ୍ୱ ଭକ୍ତି ସଙ୍ଗୀତ ରଚନା କରିସାରିଲେଣି। ଉକ୍ତ ସଙ୍ଗୀତଗୁଡିକ ମଧ୍ୟରୁ ଅଧିକାଂଶ ପ୍ରାର୍ଥନା ଚ୍ୟାନେଲରେ ପରିବେଷଣ ହେଉଛି। ସ୍ୱାଇଁ ଲେଖିଥିବା ଗୀତଗୁଡ଼ିକ ମଧ୍ୟରୁ ଆରେ ବାବୁ ସୁମନ, ଉଦ୍ଧବ କୁହନ୍ତି ପ୍ରଭୁ, ଦେଖା ନ ମିଳୁ, କିଏ ଶରଧାରେ ଡାକେ, ମୋର ଡେଣା ଝାଡି ଦେଲେ, ତାକୁ ଅଧିକ ମାଗିଲେ, ମୋତେ କରିଲା ବାଇ, ଦର୍ଶନରେ ଯିଏ ପ୍ରମୁଖ ଭକ୍ତିଗୀତ ଅନ୍ୟତମ। ଉକ୍ତ ସଙ୍ଗୀତଗୁଡ଼ିକ ପାଇଁ କଣ୍ଠଶିଳ୍ପୀ ଶରତ ନାୟକ, ରବିନାରାୟଣ ଦାସ ଓ ଅର୍ପିତା ଚୌଧୁରୀ ପ୍ରମୁଖ କଣ୍ଠଦାନ କରିଛନ୍ତି। ସ୍ୱାଇଁ ଦଶମ ଶ୍ରେଣୀରେ ପଢ଼ିବା ସମୟରୁ ଆକାଶବାଣୀ କଟକକୁ ୫୦ରୁ ଊର୍ଦ୍ଧ୍ୱ ଭକ୍ତି ସଙ୍ଗୀତ ଲେଖି ପଠାଇଥିଲେ। ସେ କହନ୍ତି, ତାଙ୍କୁ ମିଳିଥିବା ସଫଳତା ପଛରେ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ମା'ବାପା, ସାଙ୍ଗସାଥୀ ଓ ଦର୍ଶକମାନଙ୍କ ପ୍ରେରଣା ମୋ ଭିତରେ ଗୀତ ଲେଖିବାକୁ ଉତ୍ସାହ ଭରି ଦେଇଛି। ଏଥିପାଇଁ ଦୈନିକ ୨ ଘଣ୍ଟା ସମୟ ଦିଏ। ଯୁଗ ଉପଯୋଗୀ ଭକ୍ତି ସଙ୍ଗୀତ ରଚନା କରିବା ଉପରେ ଗୁରୁତ୍ୱ ଦେଇଥାଏ। ସ୍ୱରଚିତ ଭକ୍ତି ସଙ୍ଗୀତ କୌଣସି ମଞ୍ଚ ଓ ଭକ୍ତି ଚ୍ୟାନେଲରେ ପରିବେଷଣ ହେଉଥିବା ଦେଖିଲେ ପରିଶ୍ରମର ସାର୍ଥକତା ମିଳିଲା ପରି ମନେ ହେଉଥାଏ ବୋଲି ସେ ପ୍ରକାଶ କରିଛନ୍ତି।

## ଖଣି କାର୍ଯ୍ୟାଳୟରେ କର୍ମଚାରୀଙ୍କ ଧାରଣା

କାଳିଆପାଣି,୯।୧୨(ଡି.ଏନ.ଏ.)


ଖଣି ପରିଚାଳକଙ୍କୁ କର୍ମଚାରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଓଡ଼ିଶା ଖଣି ନିଗମ (ଓଏମ୍‌ସି)ଦ୍ୱାରା ପରିଚାଳିତ ଦକ୍ଷିଣ କାଳିଆପାଣି ଖଣି କ୍ରୋମାଇଟ ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ବିଜିଆର ଠିକା କମ୍ପାନୀ ତା'ର କର୍ମଚାରୀଙ୍କୁ ବୋନସ, ଇନ୍‌ସେନ୍‌ଟିଭ ଓ ଭିଡିଏ ପ୍ରଦାନ କରିବାରେ ବିଳମ୍ବ କରୁଛି। ଏହାର ପ୍ରତିବାଦରେ ବୁଧବାର ବିଜିଆର

**ବକେୟା ଦରମା, ବୋନସ ଦେଉନି ଠିକା କମ୍ପାନୀ**

ଠିକା କମ୍ପାନୀ କର୍ମଚାରୀମାନେ ଖଣି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଏଥିସହିତ ଖଣି ପରିଚାଳକ କାଠି ପ୍ରଦାନଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କୁ ମଧ ପ୍ରଦାନ କରାଯାଇଛି। ତେବେ ତୁରନ୍ତ ବିଚାର କରି ବକେୟା ଦରମା, ବୋନସ ଏବଂ ଅନ୍ୟ ଅର୍ଥ ପ୍ରଦାନ ନ କଲେ କାର୍ଯ୍ୟବନ୍ଦ ସହ ଧାରଣାରେ ବସିବାକୁ କର୍ମଚାରୀ ପ୍ରତିନିଧି ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ, ବିଜିଆର ପ୍ରାଇଭେଟ ଲିମିଟେଡ୍ ତା'ର କର୍ମଚାରୀଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷର ବୋନସ, ଛୁଟି ଅର୍ଥ ଓ ଭିଡିଏ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି, ଯାହାକୁ ନେଇ କର୍ମଚାରୀ ନଭେମ୍ବରରେ ଖଣି କାର୍ଯ୍ୟ ବନ୍ଦ କରିବା ସହ ଧାରଣାରେ ବସିଥିଲେ। ମାତ୍ର କମ୍ପାନୀ ଦିନ ଗଡ଼ାଇ କର୍ମଚାରୀଙ୍କୁ ଅଣଦେଖା କରିଚାଲିଛି। ଚଳିତ ବର୍ଷ ଅନ୍ୟ କମ୍ପାନୀରେ ଲାଗିଥିବା ଠିକାଦାର ବୋନସ ପ୍ରଦାନ କରିଥିବାବେଳେ ବିଜିଆର କମ୍ପାନୀ ବୋନସ ନ ଦେବା ନେଇ ନଭେମ୍ବର ୧୮ରେ ତ୍ରିପାକ୍ଷିକ ବୈଠକ ବସିଥିଲା। ଏଥିରେ ଶ୍ରମିକ ସଂଘ ସଭାପତି ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଉପଦେଷ୍ଟା ଭଗବତୀ ମହାନ୍ତ, ସହସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ଓ ବିଜିଆର କର୍ମଚାରୀ ପ୍ରତିନିଧି କାଳନ୍ଦୀ ବାରିକ, ବିଜିଆର କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଶିବା ରେଡ୍ଡୀ ଉପସ୍ଥିତ ଥିଲେ। ବକେୟା ଦରମା ଓ ବୋନସ ପ୍ରଦାନ ପରେ ଖଣି କାର୍ଯ୍ୟ ଚାଲୁ କରିବାକୁ କର୍ମଚାରୀ ଠିକାଦାରଙ୍କ ପ୍ରତିନିଧିଙ୍କୁ କହିଥିଲେ। ତେବେ ଓଏମ୍‌ସି ପକ୍ଷରୁ ସାହାଯ୍ୟ ମିଳିଲେ ଆମେ କର୍ମଚାରୀଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବୁ ବୋଲି ରେଡ୍ଡି ପ୍ରକାଶ କରିଥିଲେ। ଏହା ମଧ୍ୟରେ ୨୦ ଦିନରୁ ଅଧିକ ବିତିଯାଇଥିଲେ ମଧ୍ୟ ବିଜିଆର କମ୍ପାନୀ କର୍ମଚାରୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିନାହିଁ। ଏସମ୍ପର୍କରେ ବିଜିଆର କମ୍ପାନୀ ପରିଚାଳକ ରେଡ୍ଡି କହିଛନ୍ତି, ସମସ୍ତ ବକେୟା ପ୍ରାପ୍ୟ ଓ ବୋନସ ଶୀଘ୍ର ପ୍ରଦାନ କରିବାକୁ ବ୍ୟବସ୍ଥା କରାଯାଉଛି।

### ଗାଡ଼ି ଧକ୍କାରେ ସରପଞ୍ଚଙ୍କ ସ୍ୱାମୀ ମୃତ

ତିର୍ତ୍ତୋଲ,(ଡି.ଏନ୍.ଏ.): ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତ ସରପଞ୍ଚ ମମତା ସାହୁଙ୍କ ସ୍ୱାମୀ ରଶ୍ମିରଞ୍ଜନ ସାହୁଙ୍କ ବୁଧବାର ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଉକ୍ତ ଗାଁର ଜଣେ ଯୁବକ ଏକ ଟାଟା ଏସିଇ ଗାଡ଼ି ଶିଖୁଥିବା ବେଳେ ନିୟନ୍ତ୍ରଣ ହରାଇ ରଶ୍ମିଙ୍କ ଉପରେ ଚଢ଼ିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସୂଚନା ଅନୁଯାୟୀ, ରଶ୍ମି ୪ ଜଣ ଲୋକଙ୍କ ସହ ଗାଁ ଦାଣ୍ଡରେ ଠିଆ ହୋଇଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ଦ୍ରୁତ ଗତିରେ ଗାଡ଼ି ଆଣି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ରଶ୍ମି ଗୁରୁତର ହୋଇଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ରଶ୍ମିଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ଦିନ ଦ୍ୱିପ୍ରହରରେ ୩ ଲକ୍ଷ ଲୁଟ୍

ନାଉଗାଁ,୯।୧୨(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଗଳଦାରୀ ଗ୍ରାମସ୍ଥିତ ମା' ସନ୍ତୋଷୀ ସ୍ୱୟଂସହାୟକ ଗୋଷ୍ଠୀଠାରୁ ବୁଧବାର ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏନେଇ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ହେଲା, ସେ ଓ ଏହି ଗୋଷ୍ଠୀର ସଭ୍ୟା କିରଣବାଳା ରାଉତ ମୁଣ୍ଡାଳସ୍ଥିତ ଗ୍ରାମ୍ୟ ବ୍ୟାଙ୍କକୁ ଯାଇଥିଲେ। ଉକ୍ତ ବ୍ୟାଙ୍କରୁ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୩ ଲକ୍ଷ ଟଙ୍କା ଋଣ ନେଇ ଜଣେ ସମ୍ପର୍କୀୟ ପୁତୁରାଙ୍କ ସହ ବାଇକ୍‌ରେ ଘରକୁ ଫେରିଥିଲେ। ଦେବୀ ନଦୀର ଗଳଦାରୀ ସେତୁ ପାର ହୋଇ ଗ୍ରାମକୁ ନଦୀବନ୍ଧ ରାସ୍ତାରେ ଯାଉଥିବା ବେଳେ ୪ ଜଣ ଦୁର୍ବୃତ୍ତ ୨ଟି କଳା ମୋଟର ସାଇକେଲରେ ଆସି ତାଙ୍କ ଗାଡିକୁ ଧକ୍କା ଦେଇଥିଲେ। ଫଳରେ ଭାରସାମ୍ୟ ହରାଇ ପୁତୁରାଙ୍କ ଗାଡ଼ି ତଳେ ପଡ଼ିଯାଇଥିଲା। ଏହି ସମୟରେ ଦୁର୍ବୃତ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଟଙ୍କା ଲୁଟି ନେଇଥିଲେ। ଅଭିଯୋଗକୁ ଭିତ୍ତିକରି ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ମାମଲା ରୁଜୁ କରାଯିବ ବୋଲି ଏସ୍‌ଆଇ ପ୍ରତାପ ଦାସ ପ୍ରକାଶ କରିଛନ୍ତି।

## ଚଳନ୍ତା ସ୍କୁଟିରେ ନିଆଁ ଲାଗିଲା

ଗଣିଆ,୯।୧୨(ଡି.ଏନ୍.ଏ.)-ନୟାଗଡ଼ ଜିଲା ଦଶପଲା ରାସ୍ତାର ଧୁଆମଡା ଗ୍ରାମ ନିକଟ ଆମ୍ବତୋଟା ନିକଟରେ ବୁଧବାର ଏକ ଚଳନ୍ତା ସ୍କୁଟି ଜଳିଯାଇଛି। ସ୍କୁଟି ଚାଳକ ତଥା ଖଣ୍ଡପଡ଼ା ବ୍ଲକ ନୂଆପଡ଼ା ଗ୍ରାମର ନାରାୟଣ ସାହୁ ଓ ତାଙ୍କ ବାପା ଭୁବନେଶ୍ୱର ସାହୁ ଏହି ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଛନ୍ତି। ନାରାୟଣ ବାପାଙ୍କ ସହ କୌଣସି ଜରୁରୀ କାମରେ ଯାଇ ଗଣିଆ ଫେରୁଥିବା ସମୟରେ ଧୁଆମଡ଼ା ଗ୍ରାମ ନିକଟରେ ହଠାତ୍ ସ୍କୁଟିରେ ନିଆଁ ଲାଗିଯାଇଥିଲା। ଶର୍ଟସର୍କିଟ ଯୋଗୁ ଏପରି ଘଟିଥିବା ଅନୁମାନ କରାଯାଉଛି।

## ଶିକ୍ଷକଙ୍କୁ ଅପହରଣ ଘଟଣାରେ ଆଉ ଜଣେ ଗିରଫ

ତିର୍ତ୍ତୋଲ, ୯।୧୨ (ଡି.ଏନ .ଏ.): ତିର୍ତ୍ତୋଲ ଥାନା ଏରଡଙ୍ଗା ପଞ୍ଚାୟତ ବ୍ରାହ୍ମଣବାଡି (ତ୍ରିପାଠୀ ସାହି)ର ଶିକ୍ଷକ ରବି ନାରାୟଣ ମିଶ୍ରଙ୍କୁ ଅପହରଣ ଘଟଣାରେ ପୋଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ କନକପୁର ପଞ୍ଚାୟତ କେଉଲ ଗ୍ରାମର ସରୋଜ ଘଡ଼ାଇ। ମଙ୍ଗଳବାର ଗିରଫ ହୋଇଥିବା ରାଜା ପାତ୍ରଙ୍କ ସହ ଘଡ଼ାଇଙ୍କୁ ବୁଧବାର ପୋଲିସ କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ପ୍ରଦର୍ଶନୀରେ ୨୦ ଷ୍ଟଲ୍

ନୟାଗଡ ଅଫିସ,୯।୧୨:ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଏକ ପ୍ରଦର୍ଶନୀ ୧୦ ତାରିଖରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ଏବଂ ଓର୍‌ମାସ ନୟାଗଡ଼ ତରଫରୁ ଆୟୋଜିତ ଏହି ପ୍ରଦର୍ଶନୀରେ ୨୦ ଷ୍ଟଲ ଖୋଲାଯିବ। ଉକ୍ତ ଷ୍ଟଲରେ ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନୀ ଓ ବିକ୍ରୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବଧୂହତ୍ୟା ଅଭିଯୋଗ

ପାରାଦୀପ,୯।୧୨(ସ୍ୱ.ପ୍ର.): ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁରେ ବୁଧବାର ବଧୂ ହତ୍ୟା ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା (ନଂ.୧୧୨/୨୦) ରୁଜୁ କରିଛି। କିନ୍ତୁ କାହାକୁ ଗିରଫ କରିନାହିଁ। ପୋଲିସ ସୂଚନା ଅନୁସାରେ, କୈଳାଶ ଲେଙ୍କାଙ୍କ ପୁତ୍ର ସିଦ୍ଧାନ୍ତଙ୍କ ସହ ଉକ୍ତ ଗ୍ରାମର ପ୍ରମାନନ୍ଦ ଦାସଙ୍କ ଝିଅ ମାନାଙ୍କ ଗତବର୍ଷ ବିବାହ ହୋଇଥିଲା। ଦମ୍ପତ୍ତିଙ୍କ ମଧ୍ୟରେ ପ୍ରାୟତଃ କଳି ଝଗଡା ହେଉଥିଲା। ଗତ ୩ ଦିନ ତଳେ ମାନା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜଗତ୍‌ସିଂହପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାନାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଜଗତ୍‌ସିଂହପୁର ଥାନାରେ ଅପମୃତ୍ୟୁ ମାମଲା ହୋଇଥିବାବେଳେ ମାନାଙ୍କ ପିତା ଅଭୟଚାନ୍ଦପୁର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି।

# 'ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ'

**ଭିତରକନିକା ଇକୋ ରିଟ୍ରିଟ୍**

ରାଜନଗର, ୯।୧୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ନଳିତାପାଟିଆଠାରେ ବୁଧବାର ଇକୋ ରିଟ୍ରିଟ୍ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନ ସାଢେ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଇକୋ ରିଟ୍ରିଟ୍‌କୁ ଲୋକାର୍ପିତ କରିଛନ୍ତି। ଭର୍ଚୁଆଲ ମୋଡରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରକୃତି ପରିବେଶ ସମ୍ବନ୍ଧୀୟ ବାର୍ତ୍ତା ପ୍ରସାରଣ କରାଯାଇଥିଲା। ନଳିତାପାଟିଆଠାରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କରୋନା କଟକଣା ମଧ୍ୟରେ ଭିତରକନିକାଠାରେ ଏହା ଆୟୋଜନ କରାଯାଇଛି। ଇକୋ ରିଟ୍ରିଟ୍ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିବ। ଓଡ଼ିଶା ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ବୋଲି ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି। ଭିତରକନିକା କେବଳ ଏକ ପର୍ଯ୍ୟଟନସ୍ଥଳ ନୁହେଁ ଏହା ପ୍ରକୃତି, ପରିବେଶ, ଜୈବବିବିଧତାର ଏକ ସଙ୍ଗମ ସ୍ଥଳ। ଏହାକୁ ଉପଭୋଗ କରିବା ସହ ଆଗନ୍ତୁକ ପର୍ଯ୍ୟଟକମାନେ ଏହି ଇକୋ ରିଟ୍ରିଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ରହିବା ଓ ବୁଲିବା ଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ ହେବ, ଏଥିସହ ଅର୍ଥନୀତିରେ ଅଭିବୃଦ୍ଧି ଆସିବ ବୋଲି ମନ୍ତ୍ରୀ ମତ ରଖିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଭିତରକନିକାର ଜୈବବିବିଧତାକୁ ବିଶ୍ୱ ଦରବାରରେ ଏହା ଦ୍ୱାରା ପରିଚିତ କରିବାରେ ସହାୟକ ହେବ ବୋଲି କହିଥିଲେ। ଉତ୍ସବରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, କେନ୍ଦ୍ରାପଡା ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା, କେନ୍ଦ୍ରାପଡ଼ା ଏଡିଏମ୍ ନରହରି ସେଠୀ, ଡିଏଫଓ ବିକାଶ ରଞ୍ଜନ ଦାଶ, ଏସ୍‌ପି ନୀତିଶେଖର ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନ ଉତ୍ସବ ପରେ ମନ୍ତ୍ରୀ ଓ ଅତିଥିମାନେ ଇକୋ ରିଟ୍ରିଟ୍ ସ୍ଥଳ ବୁଲି ଦେଖିଥିଲେ। ଏଠାରେ ୨୧ଟି ବିଳାସପୂର୍ଣ୍ଣ କଟେଜ୍ ପ୍ରସ୍ତୁତ ହୋଇଛି। ବିଳାସପୂର୍ଣ୍ଣ କଟେଜ୍‌ଗୁଡ଼ିକର ମୂଲ୍ୟ ୯ ହଜାର, ୧୨ ହଜାର ଓ ୧୬ ହଜାର ଟଙ୍କା ରଖାଯାଇଛି। ଏହି କାର୍ଯ୍ୟକ୍ରମକୁ ଏସ୍‌ଡିପିଓ ରଞ୍ଜନ କୁମାର ଦେ, ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସୁକାନ୍ତ କୁମାର ବାରିକ, ତହସିଲଦାର ଭୋଳାନାଥ ସେଠୀ, ବିଡିଓ ମନ୍ଦରଧର ମଲିକ ପ୍ରମୁଖ ପରିଚାଳନା କରିଥିଲେ। ବୁଧବାର ସୁଦ୍ଧା ଇକୋ ରିଟ୍ରିଟ୍ ସ୍ଥଳରେ ରହିବା ଓ ବୁଲିବା ପାଇଁ ୮୫ ଜଣ ପର୍ଯ୍ୟଟକ ଅନଲାଇନରେ ବୁକିଂ କରିଛନ୍ତି।



ଇକୋ ରିଟ୍ରଟ୍‌କୁ ମନ୍ତ୍ରୀ ଜ୍ୟୋତି ରଞ୍ଜନ ପାଣିଗ୍ରାହୀ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

# ହତ୍ୟା ଅଭିଯୋଗରେ ବାପପୁଅ ଗିରଫ

**ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ଧର୍ମଶାଳା/ଜେନାପୁର, ୯।୧୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ମର୍ଜିତାପୁର ଗ୍ରାମର ଜଳଧର ଜେନା(୫୫)ଙ୍କ ଗତ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହେବାପରେ ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ଭିକାରୀ ଦାସ(୪୯) ଓ ତାଙ୍କ ପୁଅ ସନ୍ତୋଷ ଦାସ। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଘଟଣାଦିନ ଜଳଧର ଛେଳି ଚରାଇବାକୁ ପାଟକୁ ଯାଇଥିଲେ। ହେଲେ ପାଟ ନିକଟରେ ଥିବା କିଆ ବୁଦା ମୂଳରେ ତାଙ୍କ ମୃତଦେହ ପଡିଥିବା ତାଙ୍କ ବଡ଼ ଭାଇ ଦେଖିଥିଲେ। ଏନେଇ ଜଳଧରଙ୍କ ପୁଅ ତାଙ୍କ ବାପାଙ୍କୁ କେହି ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୦୭/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜମି ବିବାଦକୁ କେନ୍ଦ୍ରକରି ବାପପୁଅ ଜଳଧରଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିବା ସହ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଯାଜପୁର ରୋଡ ଏସ୍‌ଡିପିଓ ଚିନ୍ମୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏସ୍‌ଡିପିଓଙ୍କ ସହ ଥାନା ଅଧିକାରୀ ଆଶିଷ କୁମାର ସାହୁ ଉପସ୍ଥିତ ଥିଲେ।

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ

**ଯୁବକଙ୍କୁ ପେଟ୍ରୋଲ ଢାଳି ହତ୍ୟା ମାମଲା**

ଚଣ୍ଡିଖୋଲ,୯।୧୨(ଡି.ଏନ.ଏ.)

ଯୁବକଙ୍କୁ ପେଟ୍ରୋଲ ଢାଳି ହତ୍ୟା ଘଟଣାରେ ବୁଧବାର ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ନାରାୟଣ ଜେନା ଓ ତାଙ୍କ ସହଯୋଗୀ ଆଲୋକ ମଳିକ। ନାରାୟଣଙ୍କୁ ବିଦେଶ ପଠାଇବାରେ ସହଯୋଗ କରୁଥିବା ଅପରାଧରେ ଆଲୋକଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଏହି ଘଟଣାରେ ନାରାୟଣଙ୍କ ବାପା ଗିରଫ ହୋଇଥିଲେ। ଏନେଇ ଏକ ମାମଲା (ନଂ.୩୬୫/୨୦) ରୁଜୁ ହୋଇଥିଲା। ସୂଚନା ମୁତାବକ, ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳଠାରେ ନଭେମ୍ବର ୮ରେ ସୁଶାନ୍ତ ମଳିକ(୨୨) ସେହି ଗ୍ରାମର ପାନ ଦୋକାନୀ ନାରାୟଣଙ୍କୁ ଥଣ୍ଡା ପାନୀୟ ବାକି ମାଗିଥିଲେ। ତେବେ ପୂର୍ବରୁ ୨୦ଟଙ୍କା ବାକିଥିବା ଯୋଗୁ ନାରାୟଣ ସୁଶାନ୍ତଙ୍କୁ ଥଣ୍ଡା ପାନୀୟ ଦେଇ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଦୋକାନୀ ନାରାୟଣ ଓ ତାଙ୍କ ବାପା ସତ୍ୟବ୍ରତ ସୁଶାନ୍ତଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଗ୍ରାମବାସୀ ସୁଶାନ୍ତଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଦୀର୍ଘ ୧ମାସ କଟକ ମେଡିକାଲରେ ଚିକିତ୍ସାଧୀନଥିବା ବେଳେ ଗତ ୭ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁଶାନ୍ତଙ୍କ ମୃତଦେହକୁ ପରିବାର ଲୋକେ ବଡ଼ଚଣା ଥାନା ସମ୍ମୁଖରେ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଥାନାଧିକାରୀ ପ୍ରିୟବ୍ରତ ରାଉତ ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ହିତାଧିକାରୀଙ୍କ ବ୍ୟାଙ୍କ ଘେରାଉ

**ସମବାୟ ସମିତି ଅର୍ଥ ଆତ୍ମସାତ ଅଭିଯୋଗ**

ଏରସମା,୯।୧୨(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ନୂଆଡିହି ସେବା ସମବାୟ ସମିତି ସମ୍ପାଦକ ଓ ବିଭାଗୀୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକଙ୍କ ବିରୋଧରେ ଗତ ୨ ବର୍ଷତଳେ ଅର୍ଥ ଆତ୍ମସାତ୍ ହୋଇଥିବା ଅଭିଯୋଗ ଏବେ ଉଗ୍ରରୂପ ନେଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବୁଧବାର ଶତାଧିକ ମହିଳା ଓ ପୁରୁଷ ଏରସମାସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଘେରାଉ କରିଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ୨୦୧୮ରେ ନୂଆଡିହି ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକ ଓ ସମବାୟ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ଜାଲ ଦସ୍ତଖତ କରି ସମବାୟ ସମିତି ସଭ୍ୟ ଓ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଙ୍କ ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିଲେ। ଏଥିସହ ଜଣେ ଚାଷୀଙ୍କ ନାମରେ ୩ କିଷାନ କ୍ରେଡିଟ୍ କାର୍ଡ କରି ଜାଲିଆତି କରାଯାଇଥିଲା। ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଠାରୁ ପ୍ରତିମାସରେ ଋଣ ପରିଶୋଧ କରାଯାଉଥିଲେ ମଧ୍ୟ କାର୍ଯ୍ୟାଳୟରେ ତା'ର କୌଣସି ରେକର୍ଡ ନାହିଁ। ଏସବୁ ଅଭିଯୋଗର ତଦନ୍ତ କରି ହିତାଧିକାରୀଙ୍କଠାରୁ ନିଆଯାଇଥିବା ଟଙ୍କା ଫେରସ୍ତ ପାଇଁ ଆନ୍ଦୋଳନକାରୀ ଦାବି କରିଥିଲେ। ପାରାଦୀପ-ଜଗତ୍‌ସିଂହପୁର ଶ୍ରମିକ ସଂଘ ସଭାପତି ଜୟନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ମହିଳାମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ୟାଙ୍କ ସମ୍ମୁଖରେ ପହଞ୍ଚି ଆନ୍ଦୋଳନ କରିଥିଲେ। ଏଥିରେ ଏରସମା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ, ଶ୍ରମିକ ନେତା ବିଶ୍ୱାଳ, କୈଳାସ ଚନ୍ଦ୍ର ପ୍ରଧାନ, ଧୀରେନ୍ଦ୍ର ଚୌଧୁରୀ ଓ ସବିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏ ସମ୍ପର୍କରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଏରସମା ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ କହିଛନ୍ତି, ଘଟଣାରେ ସମ୍ପୃକ୍ତ ସମ୍ପାଦକଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ପୂର୍ବତନ ଜିଲାପାଳ ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦେଇଥିବା ବେଳେ ବିଭାଗ ପକ୍ଷରୁ କୁଜଙ୍ଗ ସମବାୟ ବ୍ୟାଙ୍କର ଶାଖା ପରିଚାଳକ ସୁଜିତ କୁମାର ଦାସଙ୍କୁ ଦିଆଯାଇଛି। ଖୁବ୍‌ଶୀଘ୍ର ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ସ୍ୱାଇଁ ଆଶାବ୍ୟକ୍ତ କରିଛନ୍ତି।


ଏରସମାସ୍ଥିତ ସମବାୟ ବ୍ୟାଙ୍କକୁ ହିତାଧିକାରୀମାନେ ଘେରାଉ କରିଛନ୍ତି।

## ଛାତ୍ର ଅପହରଣ ନେଇ ସନ୍ଦେହ

ଆଳି, ୯।୧୨ (ଡି.ଏନ.ଏ.)

ଆଳି ଥାନା ଅନ୍ତର୍ଗତ ଶୀତଳେଶ୍ୱର(ଚଉବନ ମାଇଲ ପାଣି ଟାଙ୍କି) ଗ୍ରାମର କୁଇନ ବେହେରାଙ୍କ ପୁଅ ଶଶିକାନ୍ତ(୧୪) ମଙ୍ଗଳବାର ପୂର୍ବାହ୍ନ ୮ଟାରେ ନିକଟସ୍ଥ ପାଇକସାହି ଖେଳଡ଼ପଡିଆକୁ ଖେଳିବାକୁ ଯାଉଛି କହି ଆଉ ଘରକୁ ଫେରି ନ ଥିଲେ। ପରିବାର ଓ ଗ୍ରାମ ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ତାଙ୍କୁ ନ ପାଇବା ପରେ ବାପା କୁଇନ ବୁଧବାର ପୂର୍ବାହ୍ନରେ ଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାମେଶ୍ୱର ହାଇସ୍କୁଲରେ ଶଶିକାନ୍ତ ନବମ ଶ୍ରେଣୀରେ ପଢୁଛନ୍ତି। ମଙ୍ଗଳବାର ସକାଳେ ମା'ଙ୍କୁ ଖେଳିବାକୁ ଯାଉଛି କହି ଘରୁ ବାହାରି ଯାଇଥିଲେ। ଦୀର୍ଘ ସମୟ ସେ ଘରକୁ ନ ଫେରିବାରୁ ପରିବାର ଲୋକ ତାଙ୍କ ସାଙ୍ଗ ସାଥୀଙ୍କୁ ପଚାରିବାରୁ ସେମାନେ ତାଙ୍କୁ ଆଦୌ ଦେଖି ନ ଥିବା କହିଥିଲେ। ବାପା କୁଇନ ପୁଅକୁ କେହି ଅପହରଣ କରିଥିବା ନେଇ ସନ୍ଦେହ କରୁଛନ୍ତି ବୋଲି କହିଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ପୁଅକୁ ଶୀଘ୍ର ଖୋଜି ବାହାର କରିବାକୁ ତାଙ୍କ ମା' ନିବେଦନ କରିଛନ୍ତି।

# ଓକିଲ ସଂଘ ନିର୍ବାଚନ ପ୍ରଚାର ଜୋର୍‌ଦାର

ଜଗତ୍‌ସିଂହପୁର ଅଫିସ, ୯।୧୨

ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ନିର୍ବାଚନ ଡିସେମ୍ବର ୧୨ରେ ଅନୁଷ୍ଠିତ ହେବ। ଏନେଇ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ଆଣିବା ପାଇଁ ଉଦ୍ୟମ ଚଳାଇଛନ୍ତି। ପ୍ରାର୍ଥୀମାନେ ଓକିଲମାନଙ୍କ ଘରକୁ ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି। ବିଭିନ୍ନ ସ୍ଥାନରେ ଭୋଜିର ଆୟୋଜନ କରାଯାଉଛି। ବ୍ୟାନର ମରାଯିବା ସହ ପୋଷ୍ଟର ବଣ୍ଟାଯାଉଛି। ସୋସିଆଲ ମିଡିଆରେ ବାର୍ତ୍ତା ଦେଇ ପ୍ରଚାର କାର୍ଯ୍ୟ ଜୋରଦାର କରାଯାଉଛି। ଏହି ନିର୍ବାଚନରେ ସଭାପତି ପଦ ପାଇଁ ଯୁଧିଷ୍ଠିର ମିଶ୍ର, ସୁବ୍ରତ ଶତପଥୀ ଓ କୈଳାସ ଚନ୍ଦ୍ର ପରିଡ଼ା ପ୍ରାର୍ଥୀ ହୋଇଛନ୍ତି। ସେହିପରି ଉପସଭାପତି ପଦ ପାଇଁ ପ୍ରହ୍ଲାଦ କୁମାର ନାୟକ, ସୁଶୀଲ କୁମାର ଦାସ, ସମ୍ପାଦକ ପଦ ପାଇଁ ନରେଶ ଦାସ, ନୃସିଂହ ଚରଣ ବାରିକ, ଯୁଗ୍ମ ସମ୍ପାଦକ ପଦ ନିମନ୍ତେ ବିଭୂରଞ୍ଜନ ଦାସ, ଜ୍ଞାନ ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ପଦବୀ ପାଇଁ ଦୁର୍ଯ୍ୟୋଧନ ରାଉତ ଓ ତ୍ରିଲୋଚନ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। କାର୍ଯ୍ୟକାରୀ କମିଟିରେ ୬ଟି ସ୍ଥାନ ପାଇଁ ଅମରଜ୍ୟୋତି ସାହୁ, ଅନିରୁଦ୍ଧ ସାବତ, ଅଶ୍ୱିନୀ ଅମିତାଭ ଲେଙ୍କା, ବାବୁ ଭୋଇ, ବିବେକାନନ୍ଦ ନାୟକ, ଚିତ୍ତରଞ୍ଜନ ପ୍ରଧାନ, ପ୍ରଦୀପ କୁମାର ବିହାରୀ, ପ୍ରକାଶ ଚନ୍ଦ୍ର ରାୟ, ରୁଦ୍ରନାରାୟଣ ନାୟକ ଓ ସ୍ମୃତିରଞ୍ଜନ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କାର୍ଯ୍ୟ କମିଟିରେ ସଂରକ୍ଷିତ ଥିବା ଏକମାତ୍ର ମହିଳା ସଦସ୍ୟ ପଦ ପାଇଁ ରାଜଶ୍ରୀ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

# ନାବାଳିକା ବିବାହ ରୋକିଲା ପ୍ରଶାସନ

ରସୁଲପୁର,୯।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ଏକ ନାବାଳିକା ବିବାହକୁ ପ୍ରଶାସନ ପକ୍ଷରୁ ରୋକାଯାଇଛି। ବ୍ଲକ ଅଧୀନ ଶ୍ରୀବନ୍ତପୁର ପଞ୍ଚାୟତ ବାଘଡ଼ିଆଁ ନିକଟସ୍ଥ ବିଲ୍ୱ ମହାଦେବ ମନ୍ଦିର ପରିସରରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହେଉଥିଲା। ଖବର ପାଇ ରସୁଲପୁର ବ୍ଲକ ଶିଶୁ ମଙ୍ଗଳ ପ୍ରକଳ୍ପର ଏକ ତଦନ୍ତକାରୀ ଦଳ ପହଞ୍ଚି ବିବାହ ବନ୍ଦ କରିଥିଲେ। ଘଟଣାସ୍ଥଳରୁ କନ୍ୟା ଓ ବର ଫେରାର ହୋଇ ଯାଇଥିଲେ। ଉଭୟ ପରିବାରର ମୁରବୀଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପରେ ତଦନ୍ତକାରୀ ଦଳ ଫେରିଥିଲେ। ବର, କନ୍ୟା ପ୍ରାପ୍ତ ବୟସ୍କ ହେବା ପରେ ସେମାନଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା

କନ୍ୟା ନାବାଳିକା ହୋଇଥିବାରୁ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ସୁଜାତା ମଲିକ ବ୍ଲକ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ। ବ୍ଲକ ପ୍ରକଳ୍ପ ସୁପରଭାଇଜର ବିଷ୍ଣୁପ୍ରିୟା ଦାସ, ପ୍ରେମଲତା ମହାନ୍ତି, ମଞ୍ଜୁଳତା ଶତପଥୀ, ପ୍ରଫୁଲ୍ଲ ରାଉତ, ଶ୍ରୀଧର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଶିଶୁ ପ୍ରକଳ୍ପ ପକ୍ଷରୁ କୁଆଖିଆ ଥାନାକୁ ଅବଗତ କରାଯାଇଥିଲା। ଥାନା ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ ଆସିବା କ୍ଷଣି କନ୍ୟା ଓ ବର ଫେରାର ହୋଇଯାଇଥିଲେ। ପ୍ରଶାସନ ପକ୍ଷରୁ କନ୍ୟା ଓ ବର ପକ୍ଷଙ୍କୁ ନେଇ ଏକ ବୈଠକ ହୋଇଥିଲା।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

ରସୁଲପୁର,୯।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ବ୍ରହ୍ମବରଦା ଗ୍ରାମର ହରି ବଟ(୬୭)ଙ୍କ ବାଇକ୍ ଧକ୍କାରେ ବୁଧବାର ମୃତ୍ୟୁଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବରୀ ବ୍ଲକ ନଅଣ ଗ୍ରାମର କୁଳମଣି ମଲିକଓ ବନୋଜ ମଲିକ। ମଙ୍ଗଳବାର ହରି ମାଛଧରି ବ୍ରହ୍ମବରଦା ଫାଣ୍ଡି ରାସ୍ତାରେ ଘରକୁ ଫେରୁଥିଲେ। ଯୁବକ ଦ୍ୱୟ ବାଇକ୍ ଯୋଗେ ଯାଉଥିବାବେଳେ ହରିଙ୍କ ସାଇକେଲକୁ ଧକ୍କା ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ୩ଜଣ ଗୁରୁତର ହୋଇଥିଲେ।


କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ସୁନୀତି ପଞ୍ଚାୟତର ଦୁଇ ନଂ. ୱାର୍ଡରେ ପାନୀୟଜଳ ସଙ୍କଟ। ଦୁଇଭଉଣୀ ସ୍କୁଲ ବନ୍ଦ ଯୋଗୁ ଜଳ ସଂଗ୍ରହ ପାଇଁ ଦୁଇ କିମି ଏକ ନଳକୂପକୁ ଟ୍ରଲିରେ ଗରା, ମାଠିଆ, ପାଣି ବୋତଲ ନେଉଛନ୍ତି।

# କଂଗ୍ରେସରୁ ରସାନନ୍ଦଙ୍କ ଇସ୍ତଫା

ଯାଜପୁର ରୋଡ୍,୯।୧୨(ଡି.ଏନ.ଏ.)

ଯାଜପୁର ଜିଲା ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷ ରସାନନ୍ଦ ମହାନ୍ତି ବୁଧବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହି ମର୍ମରେ ମହାନ୍ତି ତାଙ୍କ ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି ଦଳରେ ସେ ଅଣଦେଖା ହୋଇଥିବା ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ମହାନ୍ତି ୧୯୮୫-୯୦ ଏବଂ ୧୯୯୭-୨୦୦୨ ପର୍ଯ୍ୟନ୍ତ ୨ଥର ବ୍ୟାସନଗର ପୌରାଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ଏହାସହ ୧୯୯୬ରେ ରାଜ୍ୟ ଯୁବ କଂଗ୍ରେସର ଉପସଭାପତି, ୨୦୦୨ରେ ରାଜ୍ୟ କୋଷାଧ୍ୟକ୍ଷ, ୨୦୦୫ରେ ସାଧାରଣ ସମ୍ପାଦକ ଓ ୨୦୨୦ରେ କେନ୍ଦୁଝର ଜିଲା ପ୍ରଭାରୀ ଭାବେ ମନୋନୀତ ହୋଇଥିଲେ। ବିଜେଡି କିମ୍ବା ଭାଜପାରେ ଯୋଗଦେବେ କି ବୋଲି ପଚରାଯିବାରୁ ଏଯାଏ କିଛି ନିଷ୍ପତ୍ତି ନେଇ ନ ଥିବା ରସାନନ୍ଦ କହିଛନ୍ତି।


ରସାନନ୍ଦ ମହାନ୍ତି

# ମଣ୍ଡି ଖୋଲିବାରେ ବିଳମ୍ବ

**ଆଶା, ଆଶଙ୍କାରେ ଚାଷୀ**

- ଦଲାଲ ମାଲାମାଲ
- ଏଆରସିଏସ୍ କହିଲେ ୧୮ରେ ଖୋଲିବ ମଣ୍ଡି

ଓଡ଼ଗାଁ, ୯।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲାରେ ଏଯାବତ୍ ଧାନ ମଣ୍ଡି ଖୋଲିନାହିଁ। ଏପରି ବିଳମ୍ବକୁ ନେଇ ଚାଷୀମାନେ ଆଶା ଓ ଆଶଙ୍କା ରହିଛନ୍ତି। ଏହି ସୁଯୋଗରେ ଦଲାଲମାନେ ଗାଁରେ ବୁଲି ଶାଗମାଛ ଦରରେ ଧାନ କିଣୁଛନ୍ତି। ଚାଷୀମାନେ ସରକାରୀ ଦରଠାରୁ ଶହେ, ୨ଶହ ଟଙ୍କା କମ୍‌ରେ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ପଡୋଶୀ ରାଜ୍ୟକୁ ଶତାଧିକ ବସ୍ତା ଧାନ ପ୍ରତିଦିନ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଗତବର୍ଷ ଓଡ଼ଗାଁ ବ୍ଲକ ସମେତ ଜିଲାର ବିଭିନ୍ନ ପ୍ରାଥମିକ କୃଷି ସେବା ସମବାୟ ସମିତି ଦ୍ୱାରା ଧାନ କିଣାଯାଇଥିଲା। ହେଲେ ସେଥିରେ ବହୁ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ଧାନ କିଣାରେ କୃଷି ସମବାୟ ସମିତିର କର୍ମଚାରୀମାନେ ସାମିଲ ଥିବାରୁ ସେମାନେ ବେଆଇନ ଭାବେ ନିଜର କେତେଜଣ ସମ୍ପର୍କୀୟ ମହିଳା, ଏପରି କି ପଡୋଶୀ ଜିଲାରେ କାର୍ଯ୍ୟରତ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଭାଗଚାଷୀ ସଜାଇ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି କରି ଫାଇଦା ପାଇଥିଲେ। ଭାଗଚାଷୀ ସାଜିଥିବା ମହିଳାମାନେ ଓଡ଼ଗାଁ ବ୍ଲକ୍‌ଠାରୁ ଶତାଧିକ ମାଇଲ ଦୂରରେ ଥିବା ଲୋକଙ୍କ ଜମି ଚାଷ କରିଥିବା ଦର୍ଶାଇଥିଲେ। ଏଭଳି ଦୁର୍ନୀତିରେ ଦଶପଲ୍ଲା, ନୂଆଗାଁ, ଶରଣକୁଳ, ବାହାଡ଼ାଝୋଲା ଅଞ୍ଚଳରେ ଥିବା ବହୁ ଦେବାଦେବୀଙ୍କ ମାଲିକାନାରେ ଥିବା ଜମିର ଭାଗଚାଷୀ ବୋଲି ସେମାନେ ଦର୍ଶାଇଥିବା ନଜରକୁ ଆସିଥିଲା। ହେଲେ ପରବର୍ତ୍ତୀ ସମୟରେ ଏପରି ଘଟଣାରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଚଳିତ ବର୍ଷ ଭିନ୍ନ ଢଙ୍ଗରେ ସମ୍ପୃକ୍ତ ଦଲାଲମାନେ ଧାନ ଚାଷୀମାନଙ୍କଠାରୁ କମ୍ ମୂଲ୍ୟରେ ଧାନ ସଂଗ୍ରହ କରି ପଡୋଶୀ ରାଜ୍ୟକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ବିଭାଗୀୟ ଅଧିକାରୀମାନେ ଏ ସଂକ୍ରାନ୍ତରେ ଅବଗତ ଥିଲେ ମଧ୍ୟ ମଣ୍ଡି ଖୋଲିବା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଚାଷୀମାନେ କହିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ମଣ୍ଡି ଖୋଲିଲେ ଦଲାଲମାନେ ଆଉ ଗାଁକୁ ଗାଁ ବୁଲି କମ୍ ଦରରେ ଧାନ କିଣି ପାରିବେ ନାହିଁ। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନୟାଗଡ ଜିଲା ଆସିଷ୍ଟାଣ୍ଟ ରେଜିଷ୍ଟ୍ରର ଅଫ୍ କୋପରଟିଭ ସୋସାଇଟି(ଏଆରସିଏସ୍) ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରୁ ଜିଲାରେ ୧୮ ତାରିଖରେ ଧାନ ମଣ୍ଡି ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଚଳିତ ବର୍ଷ ଅସାଧୁ କର୍ମଚାରୀ ଏବଂ ଦଲାଲଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

